# ମାଟି

ନନ୍ଦ କିଶୋର ସାମଲ




ଏ ମାଟି ଆମକୁ କି ଅବା ଦେଇନି
ଦେଇଅଛି ଖାଦ୍ୟ ବାସ,
ଛାତିକି ତାହାର ଚିରିଦେଲେ ମିଳେ
ଯୁଗ ଯୁଗ ଇତିହାସ ।

ପିଲାଟି ବେଳରୁ ପାଳିଛି ଆମକୁ
ସୁଖରେ ଆହାର ଦେଇ,
ଗଛରେ ରଖିଛି ଜାତିଜାତି ଫଳ
ଏଠି ସେଠି ସବୁଠେଇଁ ।

କାଠ ତ ଦେଇଛି ଘର କରିବାକୁ
ଛପର ପାଇଁକି ନଡ଼ା,
ପରିବା ଶାଗ ତ ଦେଇଛି ଅଜାଡ଼ି
ଯାହାର ଯେପରି ଲୋଡ଼ା ।

ମୁଗ, ବିରି, ଧାନ, ଗହମ, ମାଣ୍ଡିଆ
କଅଣ ସେ ଦେଇ ନାହିଁ,
ସବୁଜ ସୁନ୍ଦର ରୂପଟିକୁ ତା'ର
କିଏ ବା ଭୁଲିଛି କାହିଁ ?



ଛାତିରେ ତାହାରି କେତେ ଯେ ପାହାଡ଼
ପରବତ ଏଠି ସେଠି,
କେତେ ନିରିମଳ ଝର ଫିଟି ପଡ଼େ
ତାଡ଼ିଦେଲେ ଟିକେ ମାଟି ।

ଖଣି ଓ ଖାଦାନ କେତେ ଯେ କେଜାଣି
ମାଟି ତାଡ଼ି ଦେଲେ ମିଳେ,
ଲୁହା ମାଙ୍ଗାନିଜ୍ ପେଟ୍ରୋଲ୍ କୋଇଲା
ସବୁ ଏଇ ମାଟିତଳେ ।

ଯାହା ଯେତେବେଳେ ଯିଏ ଖୋଜିଥାଏ
ତାହାକୁ ସେ ଯାଚି ଦିଏ
ସେନେହମୟୀ ସେ ମାଟି ମାଆ ପରି
ଆଉ ଜଣେ କାହିଁ କିଏ ?




## ଶିକ୍ଷକଙ୍କ ପାଇଁ ସୂଚନା

- ★ ଶିକ୍ଷକ ପ୍ରଥମେ ବିଭିନ୍ନ ପ୍ରକାରର ମାଟି ବିଷୟରେ ଧାରଣା ଦେବେ ।
- ★ ପ୍ରଥମ ପଦଟି ପଢ଼ାଇଲା ବେଳେ ମାଟିତଳୁ କିଭଳି ପ୍ରାଚୀନ ଇତିହାସ ମିଳୁଛି, ସେ ସମ୍ପର୍କରେ ବୁଝାଇବେ । ମହେଞ୍ଜୋଦାରୋ ଓ ହରପ୍ପା, ଶିଶୁପାଳଗଡ଼, ଲଳିତଗିରି, ଉଦୟଗିରି, ବାରବାଟୀ ଦୁର୍ଗର ଉଦାହରଣ ଏ ପ୍ରସଙ୍ଗରେ ଦେବେ ।
- ★ ପ୍ରସଙ୍ଗକ୍ରମେ ମାଟିର ମହତ୍ତ୍ୱ ଯଥାଯଥ ଭାବରେ ପିଲାମାନଙ୍କୁ ହୃଦୟଙ୍ଗମ କରାଇବେ ।
- ★ ମାଟି କିପରି ଆମରି ମାଆ ତାହା ଯଥାଯଥ ଭାବରେ ବୁଝାଇବେ ।
- ★ ମାଟିତଳୁ ମିଳୁଥିବା ବିଭିନ୍ନ ପ୍ରକାରର ଖଣିଜ ପଦାର୍ଥ ସମ୍ପର୍କରେ ସୂଚନା ଦେବେ ।
- ★ ଓଡ଼ିଶାର କେଉଁଠାରେ ଲୁହାଖଣି ଓ କୋଇଲା ଖଣି ଅଛି, ତାହା ଜଣାଇବେ ।

## ଆସ ଜାଣିବା କେତୋଟି ଶବ୍ଦ

ଆହାର ଖଣି ଖାଦାନ

## ଅଭ୍ୟାସ

**୧. ଆସ ଉତ୍ତର ଖୋଜି ଲେଖିବା ।**

(କ) ମାଟିର ଛାତିକି ଚିରିଦେଲେ କଅଣ କଅଣ ମିଳେ ?

(ଖ) ମାଟି ଆମକୁ କ'ଣ କ'ଣ ଦେଇଛି ବୋଲି କବିତାରେ ଅଛି ?

(ଗ) ମାଟିର କେଉଁ ରୂପଟିକୁ ଆମେ ଭୁଲିପାରିବା ନାହିଁ ?

(ଘ) ମାଟିକୁ ମାଆ ବୋଲି କବି କାହିଁକି କହିଛନ୍ତି ?

(ଙ) ମାଟିକୁ ଆମେ ସ୍ନେହମୟୀ ବୋଲି କାହିଁକି କହିବା ?

**୨. ବୃତ୍ତ ମଧ୍ୟରେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ଆସ କାହା ସହିତ କିଏ ମିଶିବ ଯୋଡ଼ି ଲେଖିବା ।**

**ଯେମିତି - ଖାଦ୍ୟବାସ ।**

ବାସ ଖାଦ୍ୟ ମାଆ
ନେଉଟିଆ
ଜାତିଜାତି
ସବୁଜ
ସେନେହମୟୀ
ସୁନ୍ଦର
ଝର
ଛପର
ନିରିମଳ
ଫଳ ନଡ଼ା

..................... .....................
..................... .....................
..................... .....................
..................... .....................

**୩. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ ପଠିତ କବିତାର କେଉଁ କେଉଁ ଧାଡ଼ିର ଅର୍ଥ ବୁଝାଉଛି, ଆସ ସେ ଧାଡ଼ିଗୁଡ଼ିକୁ ବାଛି ଲେଖିବା ।**

ଛୋଟ ପିଲା ସମୟରୁ ଆମକୁ ଖାଦ୍ୟ ଦେଇ ସେ ପାଳିଛି ।

.......................................................................................................

ତା'ର ସବୁଜ ସୁନ୍ଦର ରୂପଟିକୁ କେହି ଭୁଲିପାରିବ ନାହିଁ ।

.......................................................................................................

ତା'ର ମାଟିକୁ ଖୋଳିଦେଲେ ଅତି ନିର୍ମଳ ଝର ଝରିପଡ଼େ ।

.......................................................................................................

ଯିଏ ଯେତେବେଳେ ଯାହା ଖୋଜେ, ମାଟି ମାଆ ତାକୁ ତାହା ଯାଚି ଦେଇଥାଏ ।

.......................................................................................................

**୪. କବିତାରେ କବି 'ମାଟି' କୁ ସେନେହମୟୀ ମାଆ କହିଛନ୍ତି । ନିମ୍ନଲିଖିତ ଉକ୍ତି ଗୁଡ଼ିକ ମଧ୍ୟରୁ କେଉଁଟି ତାହା ସୂଚାଉଛି ତାହାର ଡାହାଣ ପଟେ ( ✔ ) ଚିହ୍ନ ଦେବା ।**

(କ) ସେ ଆମକୁ ଖାଦ୍ୟବସ୍ତ୍ର ଯୋଗାଉଛି ।

(ଖ) ତା'ର ଛାତି ଚିରିଦେଲେ ଯୁଗ ଯୁଗର ଇତିହାସ ମିଳେ ।

(ଗ) ଘର କରିବାକୁ ସେ ଆମକୁ କାଠ ଯୋଗାଉଛି ।

(ଘ) ଲୁହା, ମାଙ୍ଗାନିଜ୍, ପେଟ୍ରୋଲ୍, କୋଇଲା ଯୋଗାଉଛି ।

(ଙ) 'ପନିପରିବା' ଶାଗ ଆମେ ତା'ଠାରୁ ପାଉ ।

(ଚ) ପିଲାଟି ବେଳରୁ ଆହାର ଦେଇ ସୁଖରେ ପାଳିଛି ।

**୫. କବିତାରେ ଯେଉଁ ଅଂଶଟି ଆମକୁ ଭଲ ଲାଗୁଛି ତାକୁ ଆବୃତ୍ତି କରିବା ଓ କାହିଁକି ଭଲ ଲାଗୁଛି ସେ ବିଷୟରେ ଦୁଇଟି ଧାଡ଼ି ଲେଖିବା ।**

.............................................................................................

.............................................................................................

............................................................................................

**୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖିବା ।**

ନିରିମଳ .....................

ସେନେହମୟୀ .....................

ପରବତ .....................

୭. ଯାହା ଯେତେବେଳେ ଯିଏ ଖୋଜିଥାଏ
ତାହାକୁ ସେ ଯାଚିଦିଏ .................
ଏହି ପଦରୁ ଯାହା ବୁଝାପଡୁଛି ନିଜ ଭାଷାରେ ଲେଖିବା ।

.............................................................................................

.............................................................................................

.............................................................................................

.............................................................................................

.............................................................................................

୮. କବିତାଟିକୁ ପଢ଼ି ସେଇ ଅନୁସାରେ ଖାଲି ସ୍ଥାନଗୁଡ଼ିକୁ ପୂରଣ କରିବା ।

(କ) ଗଛରେ ରଖିଛି ..............................
ଏଠି ସେଠି ସବୁଠେଇଁ ।

(ଖ) ...................... ଘର କରିବାକୁ
ଛପର ପାଇଁ କି ................... ।

(ଗ) ଲୁହା, ମାଙ୍ଗାନିଜ୍, ପେଟ୍ରୋଲ୍ ...................
ସବୁ ଏଇ ...................... ।

## ତୁମ ପାଇଁ କାମ

- ତୁମ ବଗିଚାରେ ମାଟି ଖୋଳି ଗୋଟିଏ ଫୁଲ ବା ଫଳ ଗଛ ଲଗାଅ ।
- ମାଟି ତଳେ ଫଳୁଥିବା କେତେଗୁଡ଼ିଏ ପରିବାର ନାମ ଲେଖ ।
- ଆମ ଓଡ଼ିଶାରେ ଲୁହାଖଣି ଓ କୋଇଲା ଖଣି ବ୍ୟତୀତ ଆଉ କେଉଁକେଉଁ ଖଣି ରହିଛି ଲେଖ ।